# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**07 December – 2025**

**************************************

## ମୁଖ୍ୟ ସମ୍ବାଦ

- ବନ୍ଦେ ମାତରମ୍ ଜାତୀୟ ଗୀତର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ଲୋକସଭାରେ ଆସନ୍ତାକାଲି ଆଲୋଚନା କରିବେ ପ୍ରଧାନମନ୍ତ୍ରୀ
- ଘଟଗାଁ ମା' ତାରିଣୀ ପୀଠର ସୌନ୍ଦର୍ଯ୍ୟକରଣ ଓ ବିକାଶକାର୍ଯ୍ୟ ଏକ ବର୍ଷ ମଧ୍ୟରେ ଶେଷ କରାଯିବ; କହିଲେ ମୁଖ୍ୟମନ୍ତ୍ରୀ
- ପୁରୀଠାରେ ଆୟୋଜିତ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ ଉଦ୍‌ଯାପନୀ ଦିବସରେ ଶକ୍ତି କ୍ଷେତ୍ରରେ ଥିବା ସୁଯୋଗ ସମ୍ପର୍କରେ ଆଲୋଚନା

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-ଟ୍ୱେଣ୍ଟି କ୍ରିକେଟ ମ୍ୟାଚ୍ ପାଇଁ ଆସନ୍ତାକାଲି ଉଭୟ ଦଳର ଖେଳାଳି କରିବେ ଅଭ୍ୟାସ

# ବନ୍ଦେ ମାତରଂ ଡିସ୍କସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଲୋକସଭାରେ ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଆଲୋଚନା କରିବେ । ୧୦ ଘଣ୍ଟା ବ୍ୟାପୀ ହେବାକୁ ଥିବା ଏହି ଆଲୋଚନାଚକ୍ରରେ ଭାରତୀୟ ଜନତା ଦଳକୁ ଲୋକସଭାରେ ୩ ଘଣ୍ଟା ସମୟ ଆବଣ୍ଟିତ ହୋଇଛି । ରାଜ୍ୟସଭାରେ ଆସନ୍ତା ମଙ୍ଗଳବାର ଦିନ ମଧ୍ୟ ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଆଲୋଚନାଚକ୍ର ଅନୁଷ୍ଠିତ ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ପୂର୍ବରୁ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଆସନ୍ତାକାଲି ମଧ୍ୟାହ୍ନ ୧୨ଟାରେ ଆଲୋଚନା ଆରମ୍ଭ ହେବ । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ମୁଖ୍ୟମନ୍ତ୍ରୀ-ଘଟଗାଁ

ଆଗାମୀ ଏକ ବର୍ଷ ମଧ୍ୟରେ ଘଟଗାଁ ମା' ତାରିଣୀ ପୀଠର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଆଜି ଘଟଗାଁଠାରେ ମା' ତାରିଣୀଙ୍କ ପୀଠର ସମନ୍ୱିତ ଉନ୍ନତୀକରଣ ନିମନ୍ତେ ୩୧୨ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଉରକେଲା ଓ ଯାଜପୁର କଳିଙ୍ଗନଗର ପରି କେନ୍ଦୁଝର ଜିଲ୍ଲା ରାଜ୍ୟର ତୃତୀୟ ଇସ୍ପାତନଗରୀର ମାନ୍ୟତା ପାଇବ । ଏହା ସହ ଜିଲ୍ଲାର ସବୁ ଶିଳ୍ପ ଓ

ଖଣି ଅଞ୍ଚଳକୁ ୬ ଥାକିଆ ରାସ୍ତା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦୁଝର-ବଡ଼ବିଲ-ଯୋଡା ଅଞ୍ଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନ୍‌ରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ପାରାଦ୍ୱୀପରୁ ବଲବିଲ୍ ପର୍ଯ୍ୟନ୍ତ ୮ ଥାକିଆ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପାରାଦ୍ୱୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ନିର୍ମାଣକାର୍ଯ୍ୟ ଜାରି ରହିଥିବାବେଳେ ଚଣ୍ଡିଖୋଲରୁ ବଡବିଲ୍ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଜାରି ରହିଛି। ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ କେନ୍ଦୁଝର ଜିଲ୍ଲାର ବିଶେଷ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ୫୦୦ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା, ନଡ଼ିଆ କେନ୍ଦ୍ର ଓ ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ରାଙ୍ଗଣ ଓ ୱାଚ୍ ଟାୱାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରକଳ୍ପ ସହ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ପାଣ୍ଠିରେ ଜିଲ୍ଲାର ବିକାଶ ପାଇଁ ୩୫ ହଜାର କୋଟି ଟଙ୍କା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶକ୍ତି ନେତୃତ୍ୱ ସମ୍ମିଳନୀ

**ପୁରୀ**ଠାରେ ଆୟୋଜିତ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ ଆଜି ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଶକ୍ତି କ୍ଷେତ୍ରରେ ଥିବା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମ୍ମିଳନୀରେ

ଯୋଗଦେଇ କହିଛନ୍ତି, ଭୁବନେଶ୍ୱର ଆଇଆଇଟିର ସହଯୋଗରେ ଆଗାମୀ ଦିନରେ ଶକ୍ତି କ୍ଷେତ୍ରର ସୁବିନିଯୋଗ ପାଇଁ ସେଣ୍ଟର ଅଫ୍ ଏକ୍ସିଲେନ୍ସିର ପ୍ରତିଷ୍ଠା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପବନ ଶକ୍ତିରୁ ବିଦ୍ୟୁତ ଉତ୍ପାଦନ ଓ ବିନିଯୋଗ ଦିଗରେ ସରକାର କାର୍ଯ୍ୟ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଗୋପାଳପୁରଠାରେ ସବୁଜ ଉଦ୍ୟାନର ଉତ୍ପାଦନ ନେଇ କାର୍ଯ୍ୟ ଆରମ୍ଭ ହୋଇଛି। ସୌରଶକ୍ତି, ଜୁଆରଶକ୍ତି ଏବଂ ବିରଳ ମୃତ୍ତିକାର ଉପଯୋଗରେ ଶକ୍ତି ଉତ୍ପାଦନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏହି ଅବସରରେ ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରତିବର୍ଷ ଏହି ସମ୍ମିଳନୀ ଆୟୋଜନ କରିବା ନେଇ ନୀତି ଆୟୋଗ ଅଧ୍ୟକ୍ଷ ମତ ବ୍ୟକ୍ତ କରିଛନ୍ତି। ସମ୍ମିଳନୀରେ ୬୦ରୁ ଅଧିକ ପ୍ରତିନିଧିଦଳ ଓ ୨୧ ଜଣ ବୈଷୟିକ ବିଶେଷଜ୍ଞ ଯୋଗଦେଇ ଶକ୍ତି କ୍ଷେତ୍ରରେ ଥିବା ବିଭିନ୍ନ ସମ୍ଭାବନା ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ।

## ବିମାନ ଚଳାଚଳ ଦିବସ

ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ସଂଗଠନ-ଆଇ.ସି.ଏ.ଓ. ପକ୍ଷରୁ ଆଜି ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ଦିବସ ପାଳନ କରାଯାଉଛି। ବିମାନ ଚଳାଚଳ କ୍ଷେତ୍ରରେ ବିଶ୍ୱର ସମସ୍ତ ଦେଶକୁ ବାନ୍ଧି ରଖିବା ଏବଂ ନିରାପଦ ବିମାନ ଚଳାଚଳ ସହ ବିଶ୍ୱ ଅର୍ଥନୀତିକୁ ସମୃଦ୍ଧ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ଦିବସ- ୨୦୨୫ର ବାର୍ତ୍ତା ରହିଛି 'ସମସ୍ତଙ୍କ ପାଇଁ ସୁରକ୍ଷିତ ଆକାଶ ଓ ସ୍ଥାୟୀ ଭବିଷ୍ୟତ'।

## ବାରବାଟୀ ମ୍ୟାଚ୍

**କଟକ** ବାରବାଟୀ ଷ୍ଟାଡିୟମ୍‌ରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ କ୍ରିକେଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଦିନ ଖେଳାଯିବ। ଉଭୟ ଦଳର ସମସ୍ତ ଖେଳାଳି ଭୁବନେଶ୍ୱରେ ପହଞ୍ଚି ସାରିଛନ୍ତି। ଷ୍ଟାଡିୟମ୍‌ଠାରେ ଆସନ୍ତାକାଲି ଦିନ ସାଢ଼େ ୧୧ଟାରେ ଭାରତୀୟ ଦଳର ଖେଳାଳିମାନେ ଅଭ୍ୟାସ କରିବେ ବୋଲି ଓସିଏ ସଭାପତି **ପଙ୍କଜ ଲୋଚନ ମହାନ୍ତି** କହିଛନ୍ତି।

**- V/O - (ପଙ୍କଜ ଲୋଚନ ମହାନ୍ତି)**

ଦକ୍ଷିଣ ଆଫ୍ରିକା ଦଳ ଆସନ୍ତାକାଲି ସେମାନଙ୍କର ଅଭ୍ୟାସ କରିବେ। ଏ ନେଇ ଦୁଇଟି ଗ୍ୟାଲେରୀ ଖୋଲା ରହିବ। ଆଜି ଭାରତୀୟ ଦଳର ଖେଳାଳି ହାର୍ଦ୍ଦିକ୍ ପାଣ୍ଡ୍ୟା ବାରବାଟୀରେ ଅଭ୍ୟାସ ପାଇଁ ପହଞ୍ଚିଛନ୍ତି। ବିନା ଦର୍ଶକରେ ନେଟ୍ ବୋଲରଙ୍କ ସହ ସେ ଏହି ଅଭ୍ୟାସ କରିବେ ବୋଲି ଜଣାପଡିଛି। ଟି-୨୦ ମ୍ୟାଚ୍ ପାଇଁ ୬ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ବ୍ୟବସ୍ଥା ନିମନ୍ତେ ୫୦ ପ୍ଲାଟୁନ୍ ଫୋର୍ସ୍ ଓ ୩୦୦ ଅଫିସରଙ୍କୁ ନିୟୋଜିତ କରାଯାଇଥିବା ନେଇ ପୁଲିସ୍ କମିଶନର **ଏସ୍.ଦେବଦତ୍ତ ସିଂ** କହିଛନ୍ତି।

**- V/O -** (ଏସ୍.ଦେବଦତ୍ତ ସିଂ)

## ସଶସ୍ତ୍ର ବାହିନୀ ପତାକା ଦିବସ

ସଶସ୍ତ୍ର ବାହିନୀରେ ସେବାରତ ତଥା ସେବାନିବୃତ୍ତ ଯବାନମାନଙ୍କ ମାତୃଭୂମିର ସେବା ଏବଂ ପ୍ରାଣବଳିକୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ

୧୯୪୯ ମସିହାରୁ ଆଜିର ଦିନକୁ ଦେଶରେ ସଶସ୍ତ୍ର ବାହିନୀ ପତାକା ଦିବସ ଭାବେ ପାଳନ କରାଯାଉଛି। ସଶସ୍ତ୍ରବାହିନୀର ଯବାନ ଏବଂ ସେମାନଙ୍କ ପରିବାରର ମଙ୍ଗଳ ପାଇଁ ପାଣ୍ଠି ସଂଗ୍ରହ ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ପତାକା ଦିବସ ପାଳନର ୩ଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଯୁଦ୍ଧରେ ପ୍ରାଣ ହରାଇଥିବା ଯବାନଙ୍କର ପରିବାରକୁ ଥଇଥାନ କରିବା, କାର୍ଯ୍ୟରତ ସେନା କର୍ମଚାରୀ, ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଆର୍ଥିକ ସାହାଯ୍ୟ ଏବଂ ପୂର୍ବତନ ସୈନିକ ଏବଂ ସେମାନଙ୍କ ପରିବାରର ଥଇଥାନ ଓ କଲ୍ୟାଣ ପାଇଁ ପାଣ୍ଠି ସଂଗ୍ରହ। ସଶସ୍ତ୍ରବାହିନୀ ପତାକା ଦିବସ ପାଳନ ଅବସରରେ ପତାକା ବଣ୍ଟନ ମାଧ୍ୟମରେ ପାଣ୍ଠି ସଂଗ୍ରହ କରାଯାଇଥାଏ।

## କୃଷି ଯନ୍ତ୍ରପାତି ମେଳା

**ଝାରସୁଗୁଡ଼ାର** ମନମୋହନ ସ୍କୁଲ ଖେଳପଡିଆଠାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସରକାରୀ ପ୍ରୋତ୍ସାହନ ଦ୍ୱାରା ସମସ୍ତ ଚାଷୀ ଉପକୃତ ହେବା ସହ ସେମାନଙ୍କର ଆର୍ଥିକ ଉନ୍ନତି ଘଟିବ ବୋଲି ସେ କହିଛନ୍ତି।

## ମଣ୍ଡି-କୃଷ୍ଣଚନ୍ଦ୍ର ପାତ୍ର

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ନୂଆପଡ଼ାଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ମଣ୍ଡିର ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ଚାଷୀ ପଞ୍ଜୀକରଣ ନେଇ

ଆଲୋଚନା କରିଛନ୍ତି। ଧାନ ବିକ୍ରି କରିବା ନିମନ୍ତେ ଗତବର୍ଷ ୪୭ ହଜାର ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତବର୍ଷ ଚାଷୀ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି ପାଇଁ ୫୧ ହଜାରରେ ପହଞ୍ଚିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଜଳସେଚନ ପ୍ରକଳ୍ପ

କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ **ନୟାଗଡ଼** ଜିଲ୍ଲା ଦଶପଲ୍ଲା କୁଆଖାଇ ଜଳସେଚନ ପ୍ରକଳ୍ପର ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଦଶପଲ୍ଲାଠାରେ ଲେଫ୍ଟ ଡିଷ୍ଟ୍ରିବ୍ୟୁଟାରି ଓ ରାଇଟ୍ ଡିଷ୍ଟ୍ରିବ୍ୟୁଟାରୀସର ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଆଧୁନିକ ଲାଇନିଂ ବ୍ୟବସ୍ଥା ଦ୍ୱାରା ଜଳ କ୍ଷୟ ରୋକାଯିବା ସହ ଅଧିକ ପରିମାଣର କୃଷି ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି। ଏହି ପ୍ରକଳ୍ପ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୨୨ କୋଟି ୧୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି।  ନୟାଗଡ଼ ଜିଲ୍ଲାର କୃଷି ଉତ୍ପାଦନ ବୃଦ୍ଧି, କୃଷକଙ୍କ ଆୟ ଦ୍ୱି-ଗୁଣିତ ଏବଂ ଗ୍ରାମାଞ୍ଚଳ ଅର୍ଥନୀତିକୁ ମଜଭୁତ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ସାଂସଦ ଖେଳ ମହୋତ୍ସବ

**ନୟାଗଡ଼** ଜିଲ୍ଲା ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ଚାଲିଥିବା ବିଧାନସଭା ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାମାଞ୍ଚଳର ଲୁକ୍‌କାୟିତ ପ୍ରତିଭାକୁ ଚିହ୍ନଟ କରିବା ସହ ବ୍ଲକ୍‌ସ୍ତରରୁ ଆରମ୍ଭ କରି ଜିଲ୍ଲା, ରାଜ୍ୟ ଓ ଅନ୍ତର୍ଜାତୀୟ ସ୍ତରରେ ଯୁବପିଢ଼ି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା

ଏହି ଖେଳ ମହୋତ୍ସବର ଉଦ୍ଦେଶ୍ୟ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ସାଂସଦ ଖେଳ ମହୋତ୍ସବ' ଯୋଗୁଁ ଦେଶର ଯୁବକ-ଯୁବତୀ କ୍ରୀଡା କ୍ଷେତ୍ରରେ ଏକ ମଂଚ ପାଇଛନ୍ତି ବୋଲି ସେ କହିଛନ୍ତି।

## ମାଲ୍ୟବନ୍ତ ମହୋତ୍ସବ

**ମାଲକାନଗିରି**ଠାରେ ମାଲ୍ୟବନ୍ତ ମହୋତ୍ସବକୁ ଅଧିକ ଉତ୍ସବମୁଖର କରିବା ପାଇଁ ଆୟୋଜିତ ପଥୋତ୍ସବ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ ଉଦ୍‌ଘାଟନ କରିଛନ୍ତି। ପଥୋତ୍ସବ କାର୍ଯ୍ୟକ୍ରମରେ ବିଭିନ୍ନ ଜନଜାତି କଳାସଂସ୍କୃତିର ଝଲକ ଦେଖିବାକୁ ମିଳିଥିବାବେଳେ ଯୋଗ, ବିଭିନ୍ନ ପ୍ରକାର ଦୁଃସାହସିକ କ୍ରୀଡା ପ୍ରଦର୍ଶନ କରାଯାଇଥିଲା। ପରିବେଶ ସଚେତନତା, ସଡକ ସୁରକ୍ଷା ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ମହିଳା ସାମ୍ମୁଖ୍ୟ ସମ୍ମିଳନୀ

**ବୌଦ୍ଧ** ଜିଲ୍ଲା ସରସରାଠାରେ ମହିଳା ଅଧିକାର ସାମୁଖ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୫ଟି ପଞ୍ଚାୟତରୁ ମହିଳା ସରପଞ୍ଚ, ନାୟବ ସରପଞ୍ଚ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ମହିଳା ଅଧିକାର, ରାଜନୀତି କ୍ଷେତ୍ରରେ ମହିଳା ଜନପ୍ରତିନିଧିମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

## ସମୀକ୍ଷା

ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଆଜି ଯାଜପୁର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀ ମିଶ୍ର

ଯାଜପୁର ବୟନ ଗ୍ରାମ ଗୋପାଳପୁର ଯାଇ ବୁଣାକାରମାନଙ୍କର ଉତ୍ପାଦଗୁଡ଼ିକୁ ଦେଖିବା ସହିତ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ପାଣିପାଗ

ରାଜ୍ୟର ଅଧିକାଂଶ ଅଞ୍ଚଳରେ ରାତିର ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ଓ ୧୫ ସହରର ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ୍ ତଳେ ରେକର୍ଡ କରାଯାଇଛି। ଘୁ-ଉଦୟଗିରିରେ ଆଜିର ତାପମାତ୍ରା ୪ ଦଶମିକ ୪ ଡିଗ୍ରୀ ସେଲସିୟସ୍ ରହିଥିଲା। ଆସନ୍ତାକାଲି ସୁନ୍ଦରଗଡ଼, କନ୍ଧମାଳ ଓ କୋରାପୁଟ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନକୁହୁଡି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

ଅନ୍ୟପକ୍ଷରେ, ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ସୋନପୁର, ଅନୁଗୁଳ ଓ ବଲାଙ୍ଗିର ଜିଲ୍ଲାର କେତେକ ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣର କୁହୁଡି ପଡିବା ନେଇ ଅନୁମାନ କରାଯାଇଛି।

ଭୁବନେଶ୍ୱରରେ ୧୧ ଦଶମିକ ୯ ଡିଗ୍ରୀ ସେଲସିୟସ୍ ସହ ରାଉରକେଲାରେ ଆଜି ସର୍ବନିମ୍ନ ତାପମାତ୍ରା ୭ ଦଶମିକ ୨ ଡିଗ୍ରୀ ସେଲସିୟସ୍ ଓ ଝାରସୁଗୁଡ଼ାରେ ୭ ଦଶମିକ ୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହେଇଛି।